# Akashvani, Sambalpur

## SAMBALPURI NEWS EVENING BULLETIN

## 19 June 2025- 7.02 pm- 7.12 pm.

*******************************************

୧- ରାଜ୍ୟର୍ ବିଜେପି ସର୍କାର୍ଙ୍କର୍ ବଛର୍ପୂର୍ତି ଅବ୍ସରେ ଆଏବା କାଏଲ୍ ଓଡ଼ିଶା ଆସୁଛନ୍ ପ୍ରଧାନ୍ମନ୍ତ୍ରୀ ।
- ୧୯ ହଜାର୍ କୋଟି ଟଙ୍କାର୍ ଉନ୍ନୟନ୍ ପ୍ରକଳ୍ପର୍ କର୍ବେ ଶିଳାନ୍ୟାସ୍ ଆଉ ଉଦ୍ଘାଟନ୍ ।

୨- ଅନ୍ତର୍ଜାତୀୟ ଯୋଗ ଦିବସ ଲାଗି ମନ୍ତ୍ରୀମାନ୍କୁ ଭିନ୍ ଭିନ୍ ଜିଲ୍ଲା ଦାୟିତ୍ୱ ଦେଲେ ରାଜ୍ୟ ସର୍କାର୍ ।

୩- ସମ୍ବଲ୍ପୁର୍ ଚିପିଲିମା ଠାନେ ୪ ଟା କୃଷି ଗବେଷଣା ମହାବିଦ୍ୟାଳୟ ଥାପ୍ନା କର୍ବାର୍କେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖ୍ଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ରକ୍ତହୀନତା ରୋଗର୍ କାରଣ୍ ଆଉ ନିରାକରଣ୍ ବାବ୍ଦେ ସଚେତନ୍ କର୍ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ସିକିଲ୍ ସେଲ୍ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ -ଓଡ଼ିଶା ଗସ୍ତ ଭୁବନେଶ୍ୱର୍ ସମ୍ବାଦଦାତା/ହି.ସ.

ରାଜ୍ୟ ବିଜେପି ସରକାରଙ୍କର ଗୁଟେ ବଛର୍ ପୂର୍ତି ଅବ୍‌ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିକଶିତ୍ ଓଡ଼ିଶା ଭିଜନ୍ ଡକୁମେଂଟ-୨୦୩୬କେ ଉନ୍ମୋଚନ୍ କର୍‌ବେ । ଇତାର୍ ସହେତେ ୧୯ ହଜାର କୋଟି ଟଙ୍କାର ଶହେ ୫ଟା ପ୍ରକଳ୍ପର ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ । ରାଜ୍ୟର୍ ୭୦ ବଛର୍‌ନୁ ଅଏତ୍‌କା ବଏସର୍ ଲୁକ୍‌କୁ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାଥି ସ୍ୱାସ୍ଥ୍ୟ କାର୍ଡ ବାଂଟବେ । ସେନ୍ତା ବୌଦ୍ଧ ଜିଲ୍ଲାକେ ୩ଟା ଟ୍ରେନ୍ ଚଲାଚଲ୍‌ର ଭିଲ୍ ଶୁଭାରମ୍ଭ କର୍‌ବେ । ଭୁବନେଶ୍ୱରଠାନେ ହେବାର୍‌କେ ଥିବା ତ୍ରିରଙ୍ଗା ଯାତ୍ରାଥି ପ୍ରଧାନମନ୍ତ୍ରୀ ଯୋଗ୍ ଦେବାର୍ ସହେତେ ଜନତା ମଇଦାନଠାନେ ଜନସଭାକେ ଭିଲ୍ ଉଦ୍‌ବୋଧନ୍ ଦେବେ ।

ପ୍ରଧାନମନ୍ତ୍ରୀଙ୍କର୍ ଗସ୍ତ ଆଗୋନୁ ଆଏଜ୍ ଭୁବନେଶ୍ୱର ଜନତା ମଇଦାନଠାନେ ସବୁ ପ୍ରସ୍ତୁତିକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ଅଧିକାରୀମାନଙ୍କର୍ ସଙ୍ଗେ ନିଜେ ତଦାରଖ୍ କରିଛନ୍ । ବାକି ଥିବା ସବୁ କାମ୍ ଆଏଜ୍ ବେଲ୍‌ବୁଡ଼ା ତକ୍ ସାର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଧାନମନ୍ତ୍ରୀଙ୍କର

ଗସ୍ତ ବାବ୍‌ଦେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ।

(ଭଏସ୍ ଓଭର୍-ପୃଥ୍ୱୀରାଜ ହରିଚନ୍ଦନ)

ଅନ୍ତର୍ଜାତୀୟ ଯୋଗ ଦିବସ-ମନ୍ତ୍ରୀ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏବା ଶନିବାର୍ ଦିନ ହେବାର୍‌କେ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ୍ ଲାଗି ଜୋର୍‌ଦାର୍ ତୟାରି ଚାଲିଛେ । ଭିନ୍ ଭିନ୍ ଜିଲ୍ଲା ନ ଯୋଗ ଦିବସ୍ କାର୍ଯ୍ୟକ୍ରମ୍ ଲାଗି ମନ୍ତ୍ରୀ ମାନ୍‌କୁ ଦାୟିତ୍ୱ ବଂଟନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ୍ ରହେବେ । ସେନ୍ତା କଟକ୍ ଠାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ବଲ୍‌ପୁର୍ ଠାନେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାରାୟଣ୍ ନାଏକ୍, ଝାର୍‌ସୁଗୁଡ଼ା ଠାନେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ ସମାରୋହଥି ଯୋଗ୍ ଦେବେ । ୧୪ ଝନ୍ ମନ୍ତ୍ରୀ ଭିନ୍ ଭିନ୍ ଜିଲ୍ଲା ନ ଇ ଅବ୍‌ସରେ ଉପସ୍ଥିତ୍ ରହେବେ

ବଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଝାଡ଼ାବାନ୍ତି ସମୀକ୍ଷା ଆର୍ଏନ୍ୟୁ/ କଟକ୍

ରାଏଜେ ଝାଡ଼ାବାନ୍ତି ଥିତି ସମୀକ୍ଷା କର୍ବାର୍ ଲାଗି ଗୁଟେ ରାଜ୍ୟସ୍ତରୀୟ ଟିମ୍ ୩ ଟା ଜିଲ୍ଲା ଯାଇଛନ୍ । ଇ ଜିଲ୍ଲାମାନେ ହେଉଛେ ଯାଜ୍ପୁର୍, କଟକ୍ ଆର୍ ଭଦ୍ରକ୍ । ପ୍ରଭାବିତ୍ ଇଲାକାକେ ଯାଇଥିବା କେନ୍ଦ୍ରୀୟ ଦଲ୍ ଗଲାକାଏଲ୍ ରାଜ୍ୟ ସର୍କାର୍ଙ୍କର୍ ସାଙ୍ଗେ ତୃଣମୂଲ୍ସ୍ତର୍ଥି ସଂକ୍ରମଣ୍ର ଥିତି ନେଇକରି ଆଲୋଚନା କରିଛନ୍ । ଦୂଷିତ ପାଏନ୍ ଆର୍ ଅପମିଶ୍ରିତ ଖାଏବାର୍ ଦରବ୍ ଲାଗି ଝାଡ଼ାବାନ୍ତି ରୋଗ୍ ହେଇଥିବା କେନ୍ଦ୍ରୀୟ ଦଲ୍ ସୂଚ୍ନା ଦେଇଛନ୍ । ସଂକ୍ରମଣ୍ ଆଏତ୍ କର୍ବାର୍ ଲାଗି ନେବାର୍କେ ଥିବା ପଦକ୍ଷେପ୍ମାନ୍କର୍ ବାବ୍ଦେ ଇ ଦଲ୍ ରାଜ୍ୟ ସର୍କାର୍ଙ୍କୁ ପରାମର୍ଶ ଦେଇଛନ୍ । ପାଏନ୍ ବିଶୋଧନ୍ ଆଉ ଫୁଟାପାଏନ୍ ପିଇବାର୍ ଉପ୍ରେ କେନ୍ଦ୍ରୀୟ ଦଲ୍ ଜୋର୍ ଦେଇଛନ୍ ।

ଗଣଶିକ୍ଷା ମନ୍ତ୍ରୀ-ସ୍କୁଲ୍ ଆର୍ଏନ୍ୟୁ/ କଟକ୍

ଝାଡ଼ାବାନ୍ତି ପ୍ରଭାବିତ୍ ଇଲାକା ନ ୩ ଟା ପରିସ୍ଥିତି ଅନୁଧାନ୍ କର୍‌ବାର୍ ଉତ୍‌ରୁ ସ୍କୁଲ୍ ଖୁଲ୍‌ବାର୍ ନେଇକରି ଜିଲ୍ଲାପାଲ୍ ନିଷ୍ପତି ନେବେ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ବିଶୋଧିତ ପାଏନ୍ ନାହେଲେ ଦର୍‌କାର୍ ଜାଗା ନ ଫୁଟାପାଏନ୍ ଛୁଆମାନ୍‌କୁ ପିଇବାର୍‌କେ ଦେବାର୍ ଲାଗି ସ୍କୁଲ୍ କର୍ତୃପକ୍ଷକେ ମନ୍ତ୍ରୀ ଶ୍ରୀ ଗଣ୍ଡ ନିର୍ଦ୍ଦେଶ୍ ଦେଇଛନ୍ । ମଧ୍ୟାହ୍ନ ଭୋଜନ୍‌ଥି ଗରମ୍ ଖାଦ୍ୟ ସହେତେ ସ୍କୁଲ୍ ପିଲାମାନ୍‌କୁ ଫୁଟାପାଏନ୍ ଦେବାର୍‌କେ ଭିଲ୍ ସେ ପରାମର୍ଶ ଦେଇଛନ୍ । ସ୍କୁଲ୍ ପରିବେଶ୍ ଆର୍ ପାଏନ୍ ଟାଙ୍କି ସଫା ରଖ୍‌ବାର୍ ଉପ୍‌ରେ ମନ୍ତ୍ରୀ ଜୋର୍ ଦେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ସୃଜନ କାର୍ଯ୍ୟକ୍ରମ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ସୃଜନ କାର୍ଯ୍ୟକ୍ରମ୍- ପି.ଏମ୍.ଇ.ଜି.ପି. ଅଧୀନ୍‌ଥି ଖଦି ଆର୍ ଗ୍ରାମୋଦ୍ୟୋଗ ଆୟୋଗ- କେ.ଭି.ଆଇ.ସି. ଦେଶର୍ ୧୧ ହଜାର୍ ୪ ଶହ ୮୦ ସେବା କ୍ଷେତ୍ର ହିତାଧିକାରୀଙ୍କୁ ୩ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ନିବେଶ୍ ସହାୟତା ଦିଆଯାଇଛେ ।

ନୂଆଦିଲ୍ଲୀ ରାଜ୍‌ଘାଟ୍ କାର୍ଯ୍ୟାଳୟ ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି କେ.ଭି.ଆଇ.ସି.ର ଅଧ୍ୟକ୍ଷ ମନୋଜ୍ କୁମାର୍ ହିତାଧିକାରୀ ମାନ୍‌କୁ ଇ ସାହାଜ୍ ଟଙ୍କା ବାଂଟିଛନ୍ । ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ସୃଜନ କାର୍ଯ୍ୟକ୍ରମ୍ ଫି’ ଗାଁକେ ଆର୍ଥିକ୍ ସ୍ତର୍‌ଥି ମଜ୍‌ବୁତ୍ କରିଛେ ବଲି କେ.ଭି.ଆଇ.ସି. ଅଧ୍ୟକ୍ଷ କହିଛନ୍ । ସେ କହିଛନ୍, ଇହାଦେ ଯୋଜ୍‌ନାଥି ୧୦ ଲାଖ୍ ନୁ ଅଏତ୍‌କା ଛୋଟ୍ ଉଦ୍ୟୋଗ୍ ଥାପ୍‌ନା କରାଯାଇଛେ । କେନ୍ଦ୍ର ସର୍‌କାର୍ ୭୩ ହଜାର୍ ୩ ଶହ ୪୮ କୋଟି ଟଙ୍କାର୍ ଋଣ ମଞ୍ଜୁର୍ କରିଛନ୍ । ଇତାର୍ ଜରିଏ ଦେଶର୍ ୯୦ ଲାଖ୍ ନୁ ଅଏତ୍‌କା ପ୍ରତ୍ୟକ୍ଷ ଆଉ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେଇପାର୍‌ବା ବଲି ସେ କହିଛନ୍ ।

ଶକ୍ତିମନ୍ତ୍ରୀ -ଟୋନିବ୍ଲେୟର୍ ସାକ୍ଷାତ୍ I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ନୂଆଦିଲ୍ଲୀଠାନେ ଆଏଜ୍ ବ୍ରିଟେନ୍‌ର ଆଘର୍ ପ୍ରଧାନ୍‌ମନ୍ତ୍ରୀ ଆଉ ଟୋନିବ୍ଲେୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ୍ ଚେଞ୍ଜ୍‌ର ଅଧ୍ୟକ୍ଷ ଟୋନି ବ୍ଲେୟର୍‌ଙ୍କୁ ଭେଟିଛନ୍ । ଇ ଅବ୍‌ସରେ ଦୁହି ନେତାଙ୍କର୍ ଉପସ୍ଥିତିଥି ରାଜ୍ୟ ଶକ୍ତି ବିଭାଗ୍, ଆଇଆଇଟି କାନ୍‌ପୁର୍ ଆଉ ଟୋନିବ୍ଲେୟର୍

ଇନ୍‌ଷ୍ଟିଚ୍ୟୁଟ୍ ଭିତ୍‌ରେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ୍ ହେଇଛେ । ସହମତି ଅନ୍‌ସାରେ ଦେଶର୍ ଭିନ୍ ଭିନ୍ ରାଜ୍ୟର୍ ଶକ୍ତିମନ୍ତ୍ରୀ ମାନ୍‌କର୍ ଗୋଷ୍ଠୀ ଅଭ୍ୟାସ୍ ଲାଗି ଓଡ଼ିଶା ନେତୃତ୍ୱ ନେବା । ଶକ୍ତିକ୍ଷେତ୍ରର୍ ବିକାଶ୍ ଆଉ ଶକ୍ତି ସଂରକ୍ଷଣ୍‌କେ ନେଇକରି ଇ ବଛର୍ ଶେଷ୍ ବେଲ୍‌କେ ଓଡ଼ିଶା ନ ଭିନ୍ ଭିନ୍ ରାଜ୍ୟର୍ ଶକ୍ତିମନ୍ତ୍ରୀମାନ୍‌କର୍ ସମ୍ମିଲନୀ ହେବା ।

କେନ୍ଦ୍ରମନ୍ତ୍ରୀ - ମୁଖ୍ୟମନ୍ତ୍ରୀଙ୍କୁ ଚିଠି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଠାନେ କୃଷିଭିତିକ ବିକାଶ୍ ଆଉ ଗବେଷଣାକେ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଚିଠି ଲେଖିଛନ୍ । ସମ୍ବଲ୍‌ପୁର୍ ଚିପିଲିମା ଠାନେ ପ୍ରାଣୀ ଚିକିତ୍ସା ବିଜ୍ଞାନ୍ ଆଉ ପ୍ରାଣୀ ପାଲନ୍ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ଗବେଷଣା ମହାବିଦ୍ୟାଳୟ ଆଉ କୃଷି ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ ଥାପ୍‌ନା କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ୍ ଅନୁରୋଧ୍ କରିଛନ୍ । ଚିପିଲିମା ଠାନେ ଇସବୁ

ପ୍ରତିଷ୍ଠାନ୍ ଥାପ୍‌ନା ଲାଗି ଜମି, ଶିକ୍ଷାଗତ ଆଉ ଗବେଷଣା ଭିତିଭୂମି ଆଉ ଆନୁସଙ୍ଗିକ୍ ସୁବିଧା ରହିଛେ । ପ୍ରସ୍ତାବିତ୍ କଲେଜ୍ ଥାପ୍‌ନା ହେଲେ କୃଷି ଆଉ ଆନୁସଙ୍ଗିକ୍ କ୍ଷେତ୍ରର୍ ଚାଷୀମାନ୍‌କର୍ ବହୁତ୍‌ଟେ ଉନ୍ନତି ହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ କରିଛନ୍ ।

ବିଶ୍ୱ ସିକିଲ୍ ସେଲ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରକ୍ତହୀନତା ରୋଗର୍ କାରଣ୍ ଆଉ ନିରାକରଣ୍‌କେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ବିଶ୍ୱ ସିକିଲ୍ ସେଲ୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ 'ବିଶ୍ୱସ୍ତରୀୟ ଉଦ୍ୟମ୍ : ଇତାର୍ ଆଂଚଲିକ୍ ପ୍ରଭାବ୍ ଆଉ ସମାଜ୍‌କେ ଇତାର୍ ଅଧିକାର୍ ଦେବାର୍' ଶୀର୍ଷକ୍ ବାର୍ତା ନେଇକରି ଇ ଦିବସ୍ ପାଲନ୍ କରାଯାଉଛେ । ସୂଚ୍‌ନା ଅନ୍‌ସାରେ ସିକିଲ୍‌ସେଲ୍ ଗୁଟେ ଗୁଣସୂତ୍ର ଭିତିକ ରୋଗ୍ ଆଏ । ସିକିଲ୍‌ସେଲ୍ ବାବ୍‌ଦେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନ୍‌ତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରକ୍ତସିକୁଲି ରୋଗ୍ ନିରାକରଣ୍ ଦିଗେ ଓଡ଼ିଶା ଗୁଟେ ନୂଆଁ ଉଦାହରଣ୍ ତିଆର୍ କରିଛେ ବଲି ସାମାଜିକ୍ ଗଣମାଧମ୍‌ଥି କହିଛନ୍ । ଗୁଟେ

ନମୁନାଥି ସିକିଲ୍‌ସେଲ୍ ଆଉ ଥାଲାସେମିଆ ୨ ରୋଗ୍‌କେ ଚିହ୍ନଟ୍ କର୍‌ବାର୍‌ଥି ଓଡ଼ିଶା -ଦେଶର୍ ଏକ୍‌ଲା ରାଜ୍ୟ ଆଏ । ବିଶ୍ୱ ସିକିଲ୍‌ସେଲ୍ ଦିବସ୍ ଅବ୍‌ସରେ ଗୁଟେ ସୁସ୍ଥ, ସଶକ୍ତ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ସିକିଲ୍ ସେଲ୍ ଦିବସ       ସୁବର୍ଣ୍ଣପୁର୍/ ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସିକିଲ୍‌ସେଲ୍ ରୋଗ୍‌କେ ନେଇକରି ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ପ୍ରଦୀପ୍ ଗୁରୁ ଯୋଗ୍ ଦେଇକରି ସିକିଲ୍‌ସେଲ୍ ରୋଗ୍ ବାବ୍‌ଦେ ବୁଝେଇଥିଲେ ।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସହରର୍ ବନ୍ୟା ଆଶ୍ରୟସ୍ଥଳୀ ଠାନେ ବିଶ୍ୱ ସିକିଲ୍ ସେଲ୍ ଦିବସ୍ ପାଲନ୍ ହେଇଯାଇଛେ । ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ କିଶୋର୍ ଚନ୍ଦ୍ର ପଟ୍ଟନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସିକିଲ୍‌ସେଲ୍‌ର ଘାତକ ପରିଣାମ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

## ବିକାଶ୍ ମେଳା, ପାରମ୍ପରିକ୍ ଖାଦ୍ୟ ମେଳା ଉଦ୍‌ଯାପିତ

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆଠାନେ ଚାଲିଥିବା ବିକାଶ୍ ମେଳା ଆଉ ପାରମ୍ପରିକ୍ ଖାଦ୍ୟ ମେଳା ଉଦ୍‌ଯାପିତ୍ ହେଇଯାଇଛେ । ଶେଷ୍ ଦିନେ ଜିଲ୍ଲା ଦକ୍ଷତା ବିକାଶ୍ ବିଭାଗ୍, ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ପୂର୍ତ ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ସଭାପତିତ୍ୱଥି ହେଇଥିବା ଉଦ୍‌ଯାପନୀ ସଭାଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟର୍ ବିଜେପି ସର୍‌କାର୍‌ଙ୍କର୍ ବଛର୍‌କର୍ ଉପଲବ୍ଧି ବାବ୍‌ଦେ କହିଥିଲେ ।

## ବିକାଶ୍ ରଥ

ଦେବ୍‌ଗଡ଼୍ ସମ୍ବାଦଦାତା

ରାଜ୍ୟ ବିଜେପି ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି ଅବ୍‌ସରେ ଦେବ୍‌ଗଡ଼୍ ଜିଲ୍ଲାର୍ ୩ ଟା ବ୍ଲକ୍‌ର ୭୦ ଟା ପଂଚାୟତ୍ ନ ବିକାଶ୍ ରଥ ବୁଲିକରି ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌କର୍ ଉପଲବ୍ଧି ବାବଦେ ଲୁକ୍‌କୁ ସଚେତନ୍ କରିଛେ । ଜିଲ୍ଲା କଳାକାର୍ ସଂଘ

ଆଉ ବ୍ଲକ୍ କଲାକାର୍ ସଂଘ ତର୍ଫୁ ପାଲା, ଦଣ୍ଡନୃତ୍ୟ, ଦାସ୍କାଠିଆ ଜରିଏ ଲୁକ୍କୁ ସର୍କାର୍ଙ୍କର୍ ସଫଲତା ବାବ୍ଦେ ସୂଚ୍ନା ଦିଆଯାଇଥିଲା ।

ବିକାଶ୍ ବାହନ୍ ସଚେତନତା ରଥ   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବିଜ୍ଞପିତ ଅଂଚଲ ପରିଷଦ୍ ତର୍ଫୁ ବିକାଶ୍ ବାହନ୍ ସଚେତନତା ରଥ ଶୁଭାରମ୍ଭ ହେଇଛେ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଇଲାକାକେ ଯାଇକରି ରାଜ୍ୟର୍ ବିଜେପି ସର୍କାର୍ଙ୍କର୍ ବଛର୍କର୍ ସଫଲତା ବାବ୍ଦେ ଲୁକ୍କୁ ସଚେତନ୍ କର୍ବା । ଖଡ଼ିଆଲ୍ ସହରର୍ ଭିନ୍ ଭିନ୍ ୱାର୍ଡ଼ ଠାନେ ରଥକେ ଭବ୍ୟ ସ୍ୱାଗତ୍ କରାଯାଇଛେ ।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ୍ /କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ୪ ଟା ବନ୍ୟା ଆଶ୍ରୟସ୍ଥଲୀ ନ ଆଏଜ୍ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ୍ ହେଇଯାଇଛେ । ଜିଲ୍ଲାର୍ କେସିଙ୍ଗା ବ୍ଲକ୍ର ବେଲଖଣ୍ଡି କଲମ୍ପୁର୍ ବ୍ଲକ୍ର ବାଲିଛଡ଼ା, ଜୟପାଟ୍ନା ବ୍ଲକ୍ ରସଡୁମେର ଆଉ ଜୁନାଗଡ଼୍

ବ୍ଲକ୍ କୁଟେନ୍ ଗାଁ ଠାନେ ମକ୍‌ଡ୍ରିଲ୍ ହେଇଯାଇଛେ । ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ୍ ଭାବେ ଓସ୍‌ଡମା -ଡିଜିଏମ୍ ଜୟଜଗତ୍ ସାହୁ ଉପସ୍ଥିତ୍ ରହିକରି ପ୍ରାକୃତିକ ବିପର୍ଯ୍ୟୟ ବେଲ୍‌କେ କେନ୍ ହିସାବେ ତାର୍ ମୁକାବିଲା କରାଯାଇପାର୍‌ବା ସେ ବାବ୍‌ଦେ ଲୁକ୍‌କୁ ଶିଖେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଲଘୁଚାପ୍ ପ୍ରଭାବ୍‌ଥି ଆଏଜ୍ ବର୍ଷା ଲାଗି ରହିଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ବର୍‌ଗଡ଼୍ ସହେତେ ୮ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।